# ବିଦେଶରେ ରହୁଥିବା ଓଡ଼ିଆ ପୁଅ ଝିଅଙ୍କ କୃତିତ୍ୱ

ଭୁବନେଶ୍ୱର, ୯/୧ (ଇମିସ): କାନାଡ଼ାର ଓଟାୱା ରାଜ୍ୟରେ ରହୁଥିବା ପ୍ରିୟଙ୍କା ପଟ୍ଟନାୟକ ସେଠାକାର ସାଧାରଣ ଜୀବନରେ ଯୋଗଦାନ ଲାଗି ଓଡ଼ିଶା ସୋସାଇଟି ଅଫ୍ ଆମେରିକାର ରଜତ ବାର୍ଷିକ ଉତ୍ସବରେ ପୁରସ୍କୃତ ହୋଇଥିଲେ। ହିନ୍ଦୀ, ଓଡ଼ିଆ ଏବଂ ଇଂରାଜୀରେ ପ୍ରଭାବଶାଳୀ ଭାଷଣ ଦେଇ ପାରୁଥିବା ପ୍ରିୟଙ୍କା ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଂଗୀତରେ ମଧ୍ୟ ନିପୁଣା। ମେଧାବୀ ଛାତ୍ରୀ ଭାବରେ ସେ ଡେଲାନାର ଟାନସ ଆୱାର୍ଡ ଏବଂ ପ୍ରିନ୍ସିପାଲ ଆୱାର୍ଡ ଲାଭ କରିଛନ୍ତି। ଏବେ ସେ ଚିନ୍ମୟ ମିଶନ, ଓଟାୱାର ବାଳବିହାରରେ ପଢୁଛନ୍ତି। ତାଙ୍କୁ ବର୍ତ୍ତମାନ ୧୯ ବର୍ଷ। ନିକଟରେ ଭାରତ ସରକାରଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ସେ ହାଇଦ୍ରାବାଦଠାରେ ଅନୁଷ୍ଠିତ ଭାରତୀୟ ଦିବସ ଉତ୍ସବରେ ଯୋଗ ଦେଇଥିଲେ।

ଟେକ୍ସାସରେ ରହୁଥିବା କମ୍ପ୍ୟୁଟର ବିଜ୍ଞାନର ଆସିଷ୍ଟାଣ୍ଟ ପ୍ରଫେସର ଡ. ସରଜୁ ପ୍ରସାଦ ମହାନ୍ତି ଇତିମଧ୍ୟରେ ଓଡ଼ିଶା ଆସି ଏଠାରେ ଅନୁଷ୍ଠିତ ଅଷ୍ଟମ ଆନ୍ତର୍ଜାତୀୟ ଆଇ.ଟି. ସମ୍ମିଳନୀରେ ଯୋଗ ଦେଇଛନ୍ତି। ଓଡ଼ିଶା ଇନଫର୍ମେସନ ଟେକ୍ନୋଲୋଜି ସୋସାଇଟି (ଓଆଇଟିଏସ୍)ର ପ୍ରତିଷ୍ଠାତା ସଦସ୍ୟ ଡ. ମହାନ୍ତି ନିକଟରେ (୩ରୁ ୭ ଜାନୁଆରି) ହାଇଦ୍ରାବାଦରେ ଅନୁଷ୍ଠିତ ଆନ୍ତର୍ଜାତୀୟ ସମ୍ମିଳନୀରେ ଯୋଗ ଦେଇଥିଲେ। ୧୯୯୪ରେ ଓୟୁଏଟିରୁ ସ୍ନାତକ ଶିକ୍ଷା ଲାଭ କରିଥିବା ଡ. ମହାନ୍ତି ବାଙ୍ଗାଲୋର ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନରୁ ମାଷ୍ଟର ଡିଗ୍ରୀ ପାଇବା ପରେ ଅଧିକ ଶିକ୍ଷା ପାଇଁ ଯୁକ୍ତରାଷ୍ଟ୍ର ଆମେରିକା ଯାଇଥିଲେ।